# ଭୋଟ ବର୍ଜନ କରିବେ ଉମାନଗର ବାସିନ୍ଦା


ଉମାନଗରର ମାଟି ରାସ୍ତା ।

ବ୍ରହ୍ମପୁର ଅଫିସ,୬।୩

ବ୍ରହ୍ମପୁର ମହାନଗର ନିଗମ ୩୬ ନଂ. ୱାର୍ଡ ଅନ୍ତର୍ଗତ ଉମାନଗର ବାସିନ୍ଦା ଚଳିତ ପୌର ନିର୍ବାଚନରେ ଭୋଟ ବର୍ଜନ କରିବା ନେଇ ନିଷ୍ପତ୍ତି ନେଇଛନ୍ତି। ଏହି ୱାର୍ଡ ବର୍ତ୍ତମାନ ୩୭ ନଂ. ୱାର୍ଡରେ ପରିଣତ ହୋଇଛି। ତେବେ ଏହି ଅଞ୍ଚଳ ବାସିନ୍ଦା ରାସ୍ତା ସମସ୍ୟାକୁ ନେଇ ଭୋଟ ବର୍ଜନ ନିଷ୍ପତ୍ତି ନେଇଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ କୁହାଯାଇଛି, ଏହି ଅଞ୍ଚଳରେ ଦୀର୍ଘ ୨୫ ବର୍ଷ ଧରି ରାସ୍ତା ନିର୍ମାଣ ହୋଇପାରି ନାହିଁ। ବିଶେଷ କରି ଉମାନଗର ୭ମ,୮ମ, ୯ମ ଓ ଏକ୍ସଟେନଶନ ଲେନ୍‌ରେ ୧୫୦ରୁ ଊର୍ଦ୍ଧ୍ୱ ଲୋକ ରହୁଛନ୍ତି। କିନ୍ତୁ ଏହି ଅଞ୍ଚଳ ବାସିନ୍ଦା ଆଜି ଯାଏ ମାଟି ରାସ୍ତା ଉପରେ ନିର୍ଭରଶୀଳ। ବର୍ଷା ଦିନରେ ଅଞ୍ଚଳ ବାସିନ୍ଦା ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମାଟି ରାସ୍ତା ଯୋଗୁ ଆଣ୍ଠୁଏ ଉଚ୍ଚର ପାଣି ରାସ୍ତା ଉପରେ ଜମା ହୋଇ ରହୁଛି। ଫଳରେ ରାସ୍ତା ଓ ଡ୍ରେନ୍ ଏକାକାର ହେଉଛି। ଫଳରେ ସ୍ଥାନୀୟ ବାସିନ୍ଦା ଯାତାୟାତ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏପରିକି ଛୋଟ ଶିଶୁମାନେ ମଧ୍ୟ ଯାତାୟାତ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଞ୍ଚଳବାସୀ କହିଛନ୍ତି। ଏଥିସହ ଡ୍ରେନ୍ ନିର୍ମାଣ ହୋଇପାରି ନାହିଁ। ଫଳରେ ବର୍ଷା ଜଳ ଠିକ୍ ଭାବେ ନିଷ୍କାସନ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ରାସ୍ତା ମରାମତି ନେଇ ନିକଟରେ ସ୍ଥାନୀୟ ଲୋକଙ୍କ ପକ୍ଷରୁ ବିଏମ୍‌ସି କମିଶନରଙ୍କୁ ଅବଗତ କରାଯାଇଥିଲା। କନିଷ୍ଠଯନ୍ତ୍ରୀ ଆସି ରାସ୍ତା ମରାମତି ନେଇ ବୁଲି ଦେଖିଥିଲେ। କିନ୍ତୁ ଏହାପରଠୁ କାର୍ଯ୍ୟ ହୋଇ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏହି ଅଞ୍ଚଳକୁ କୌଣସି ସଫେଇ କର୍ମଚାରୀମାନେ ଆସୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଏହି ଅଞ୍ଚଳରେ ଡ୍ରେନ୍ ସାଙ୍ଗକୁ ବିଭିନ୍ନ ସ୍ଥାନରେ ଗଛ ଓ ବୁଦା ଉଠିଛି। ତାହାକୁ ସଫା କରାଯାଉ ନ ଥିବାରୁ ମଶା ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି।

ସୂଚନାଯୋଗ୍ୟ, ଏହି ୱାର୍ଡରେ ବ୍ରାହ୍ମଣ ସାହି, ଚାଣକ୍ୟ ନଗର, ଆଡୁଆ ସାହି, ରାଜା ସାହି, ଲାଞ୍ଜିପଲୀ ଚାଣକ୍ୟ ନଗର, ଗୌଡବନ୍ଧ ସାହି, ଉମା ନଗର, ଲାଞ୍ଜିପଲୀ ତଳସାହି ଓ ମୁଖ୍ୟ ରାସ୍ତା ଅନ୍ତର୍ଭୁକ୍ତ। ଏହି ୱାର୍ଡରେ ମୋଟ ଭୋଟର ସଂଖ୍ୟା ୫୩୨୭ ରହିଥିବା ବେଳେ ପୁରୁଷ ଭୋଟର ସଂଖ୍ୟା ୨୭୩୨ ଓ ମହିଳା ଭୋଟର ସଂଖ୍ୟା ୨୫୯୫ ରହିଛନ୍ତି।

### ସେମାନେ ଯାହା କୁହନ୍ତି...


ରାସ୍ତା ହେଉଛି ଏଠାକାର ମୁଖ୍ୟ ସମସ୍ୟା। ମରାମତି ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ସୁଦ୍ଧା ସ୍ଥାନୀୟ ଲୋକ ପ୍ରତିନିଧି କିମ୍ବା ବିଏମ୍‌ସି କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରୁ ନାହାନ୍ତି।
**- ମଧୁସୂଦନ ମିଶ୍ର, ସ୍ଥାନୀୟ ବାସିନ୍ଦା**


ସଫେଇ ର୍ମଚାରୀ ଆସୁ ନ ଥିବାରୁ ଅଳିଆ ଆବର୍ଜନା ପଡି ରହୁଛି। ଡ୍ରେନ୍‌ରେ ନାନାଦି ଗଛ ଉଠିଛି। ଫଳରେ ମଶା ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଏଣୁ ଚଳିତ ଥର ମତଦାନରେ ସାମିଲ ହେବୁ ନାହିଁ ବୋଲି ନିଷ୍ପତ୍ତି ନେଇଛୁ।
**- ବି.ତ୍ରିନାଥ ପାତ୍ର, ସ୍ଥାନୀୟ ବାସିନ୍ଦା**


ରାସ୍ତା ମରାମତି ହେଉନି। ବର୍ଷାଦିନେ ଦୁର୍ଘଟଣାର ସମ୍ମୁଖୀନ ହେଉଛୁ। ସଫେଇ କର୍ମଚାରୀ ଆସୁ ନାହାନ୍ତି। ଉମାନଗର ବାସିନ୍ଦା ବହୁ ସମସ୍ୟାରେ ରହିଛନ୍ତି। ଏଣୁ ଚଳିତ ଥର ନିର୍ବାଚନରେ ଭୋଟ ବର୍ଜନ କରିବୁ ବୋଲି ନିଷ୍ପତ୍ତି ନେଇଛୁ। **- ବିଜୟ କୁମାର ପାତ୍ର,ସ୍ଥାନୀୟ ବାସିନ୍ଦା**

## ସଂକ୍ଷେପରେ

### ଘୁମୁସର ବରିଷ୍ଠ ନାଗରିକ ମଞ୍ଚ ବୈଠକ

**ଭଞ୍ଜନଗର,୬।୩(ଡି.ଏନ.ଏ.):** ଘୁମୁସର ବରିଷ୍ଠ ନାଗରିକ ମଞ୍ଚ ସଭାପତି ସୋମନାଥ ନାୟକଙ୍କ ବାସଭବନରେ ରବିବାର ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଘୁମୁସର ଜିଲା ଆନ୍ଦୋଳନ ତ୍ୱରାନ୍ୱିତ ହୋଇପାରୁନି। ପୌର ନିର୍ବାଚନ ପରେ ମଞ୍ଚ ପକ୍ଷରୁ ଜିଲା ଆନ୍ଦୋଳନକୁ ଜୋରଦାର କରାଯିବ। ଏଥିସହ ଆଗାମୀ ଦିନରେ ନୂତନ କର୍ମକର୍ତ୍ତା ନିର୍ବାଚନ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଉପସଭାପତି ପ୍ରଭାତ ଚନ୍ଦ୍ର ତରାସିଆ, ସମ୍ପାଦକ ରବୀନ୍ଦ୍ର ଆଚାର୍ଯ୍ୟ, କବି ପ୍ରଶାନ୍ତ ମହାନ୍ତି, ପ୍ରଫେସର ଶିବରାମ ପଣ୍ଡା, ସେବାନିବୃତ୍ତ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ଜେନା, ଏସ୍.କେ. ହୁସେନ, ସନ୍ତୋଷ ମିଶ୍ର, ମଧୁସୂଦନ ସ୍ୱାଇଁ ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ରବି ନାରାୟଣ ସାମନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ।

### ମାଣିଆକାଟି ବିଦ୍ୟାଳୟରେ ହୀରକ ଜୟନ୍ତୀ

**ସୋରଡା,୬।୩(ଡି.ଏନ୍.ଏ.):** ସୋରଡ଼ା ବ୍ଲକ ମାଣିଆକାଟି ଗ୍ରାମ ପ୍ରାଥମିକ ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ହୀରକ ଜୟନ୍ତୀ ସମାରୋହ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡା. ଶିବପ୍ରସାଦ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଏବିଇଓ ସୁଶିଳା ପାତ୍ର, ଅଭିମନ୍ୟୁ ସାହୁ, ସିଆର୍‌ସି ଅଶୋକ କୁମାର ନାୟକ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପୁରାତନ ଅନୁଭୂତି ତଥା ମାଣିଆକାଟି ବିଦ୍ୟାଳୟରୁ କୁଳପତି ପର୍ଯ୍ୟନ୍ତ ଜୀବନ ଯାତ୍ରା ଉପରେ ଆଧାରିତ ଅଧିକାରୀ ନିଜେ ଲେଖିଥିବା ୩ ପୁସ୍ତକକୁ ଉନ୍ମୋଚନ କରଯାଇଥିଲା। ଶିକ୍ଷା ହିଁ ମଣିଷର ଜୀବନ ଦର୍ଶନକୁ ଆଗେଇ ନେଇଥାଏ ବୋଲି ଅଧାପକ ରଞ୍ଜନ ପଟ୍ଟଜୋଶୀ, ଶଙ୍କର ଅଧିକାରୀ, ଡା.ଦେବୀ ପ୍ରସାଦ ପଟ୍ଟନାୟକ, ଡାକ୍ତର ଉମାଶଙ୍କର ପାଣିଗ୍ରାହୀ, ସିଆର୍‌ସି ରାଧାମୋହନ ସାହୁ ନିଜ ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଅଧିକାରୀ ବିଜ୍ଞାନ ସମ୍ପର୍କିତ ବହୁ ପୁସ୍ତକ ବିଦ୍ୟାଳୟକୁ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଦାନ କରିଥିଲେ।

### ପ୍ରଥମ ଦିନରେ ୪ ପ୍ରାର୍ଥିପତ୍ର ଦାଖଲ

**ବ୍ରହ୍ମପୁର ଅଫିସ,୬।୩:** ଗଞ୍ଜାମ ଓକିଲ ସଂଘ ୨୦୨୨-୨୩ ନିର୍ବାଚନ ପାଇଁ ଶନିବାର ପ୍ରଥମ ଦିନରେ ୪ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସଭାପତି ପାଇଁ କପିଳେଶ୍ୱର ପଟ୍ଟନାୟକ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ଉପସଭାପତି ଭାବେ ବସନ୍ତ କୁମାର ରାଉତ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଯୁଗ୍ମ ସମ୍ପାଦକ ଭାବେ ସୋମନାଥ ମହାରଣା ଓ ବି. ଦୁର୍ଗା ରାଓ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ରବିବାର ଓ ସୋମବାର ମଧ୍ୟ ପ୍ରାର୍ଥିପତ୍ର ଦାଖଲ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ଯାଏ ପ୍ରାର୍ଥିପତ୍ର ଦାଖଲ ପାଇଁ ସମୟ ରଖାଯାଇଥିବା ନିର୍ବାଚନ ଅଧିକାରୀ ପ୍ରଫୁଲ୍ଲ ଗୌଡ଼ଙ୍କଠାରୁ ପ୍ରକାଶ। ଆସନ୍ତା ୯ ତାରିଖ ପୂର୍ବାହ୍ନ ୧୧ରୁ ଅପରାହ୍ନ ସାଢ଼େ ୨ଟା ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଯାଞ୍ଚ ହେବ। ୧୧ ତାରିଖ ପ୍ରତ୍ୟାହାର ପାଇଁ ଧାର୍ଯ୍ୟ କରାଯାଇଛି। ୧୨ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ। ମାର୍ଚ୍ଚ ୨୬ ତାରିଖ ସକାଳ ୮ଟାରୁ ଅପରାହ୍ନ ୩ଟା ଯାଏ ଭୋଟ ଗ୍ରହଣ କରାଯିବ। ସେହିପରି ଅପରାହ୍ନ ୪ରୁ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ।

### ଖେମୁଣ୍ଡି ଓକିଲ ସଂଘର ଆଲୋଚନା ସଭା

**ଦିଗପହଣ୍ଡି,୬।୩(ଡି.ଏନ.ଏ.):** ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ଶନିବାର ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ସଂଘର କର୍ମକର୍ତ୍ତା ନିର୍ବାଚନ କରା ନ ଯାଇ ସର୍ବସମ୍ମତିକ୍ରମେ ମନୋନୟନ ନିମନ୍ତେ ସଭାରେ ଉପସ୍ଥିତ ଓକିଲ ସଂଘର ସଦସ୍ୟମାନଙ୍କ ମିଳିତ ପ୍ରସ୍ତାବକୁ ସଭାରେ ବିଧିବଦ୍ଧ ଅନୁମୋଦନ କରାଯାଇଥିଲା। ସଂଘର ସଭାପତି ଭାବେ ଏ. ସମେଶ୍ୱର ରାଓ, ଉପସଭାପତି ସଞ୍ଜୟ କୁମାର ପଣ୍ଡା, ସମ୍ପାଦକ ପ୍ରହ୍ଲାଦ ପ୍ରଧାନ, ସହସମ୍ପାଦକ କିଶୋର ଚନ୍ଦ୍ର ଗୌଡ଼, ବିତ୍ତ ଅଧିକାରୀ ରଞ୍ଜନ କୁମାର ବେହେରା ଏବଂ ଲାଇବ୍ରେରି ସମ୍ପାଦକ ଭାବେ ବିଜୟ କୁମାର ପ୍ରଧାନଙ୍କୁ ସର୍ବସମ୍ମତି କ୍ରମେ ସଭାରେ ମନୋନୟନ କରାଯାଇଛି। ରାଜ୍ୟ ଆଇନଜୀବୀ ପରିଷଦର ନିର୍ବାଚନ ବିଜ୍ଞପ୍ତି ପ୍ରକାରେ ପ୍ରାର୍ଥୀମାନେ ସୋମବାର ନାମାଙ୍କନପତ୍ର ଦାଖଲ କରିବା ପାଇଁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ସଭାରେ ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଚନ୍ଦ୍ରଧ୍ୱଜ ସିଂହ, ରସାନନ୍ଦ ରାଉତ, ପରେଶ ଚନ୍ଦ୍ର ରଥ, ହେମନ୍ତ କୁମାର ପାଣିଗ୍ରାହୀ, ଗିରିଜା ନନ୍ଦନ ମେକାପ, ଅଶେଷ ନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କଳିଙ୍ଗ ସାହିତ୍ୟ ସମାଜ କାର୍ଯ୍ୟକାରୀ ସମିତି ବୈଠକ

ବ୍ରହ୍ମପୁର ଅଫିସ୍, ୬।୩

କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ କାର୍ଯ୍ୟକାରୀ ସମିତି ବୈଠକ ଉତ୍କଳ ଆଶ୍ରମ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ସମ୍ପାଦକ ଡ. ଶରତ କୁମାର ଜେନାଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ କଳିଙ୍ଗ ସାହିତ୍ୟ ସମାଜ କାର୍ଯ୍ୟକାରୀ ସମିତିର ପୁନର୍ଗଠନ କରାଯାଇଥିଲା। କଳିଙ୍ଗ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ତିରୋଧାନ ପରିପ୍ରେକ୍ଷୀରେ ଏହି ସ୍ୱତନ୍ତ୍ର ବୈଠକ ହୋଇଥିଲା। ପ୍ରାରମ୍ଭରେ ପ୍ରଫେସର ପଟ୍ଟନାୟକଙ୍କ ଦିବଂଗତ ଆତ୍ମାର ସଦ୍‌ଗତି କାମନାପୂର୍ବକ ବୈଠକରେ ଏକ ଶୋକପ୍ରସ୍ତାବ ଆଗତ ହେବା ସଙ୍ଗେସଙ୍ଗେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ କଳିଙ୍ଗ ସାହିତ୍ୟ ସମାଜର କାର୍ଯ୍ୟକାରୀ ସମିତିର ପୁନର୍ଗଠନ କରାଯାଇଥିଲା। ସଂଘ ଉପଦେଷ୍ଟା ଭାବେ ଅମିୟବାଳା ପଟ୍ଟନାୟକ, ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଉପସଭାପତି ଡ. ବନମାଳୀ ପାଣିଗ୍ରାହୀ ଓ ସ୍ୱର୍ଣ୍ଣପ୍ରଭା ପାଢ଼ୀ, ସାଧାରଣ ସମ୍ପାଦକ ଡ. ଶରତ କୁମାର ଜେନା, ସଂଗଠନ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ, ସାଂସ୍କୃତିକ ସମ୍ପାଦକ ଡ. ମନୋରଞ୍ଜନ ବିଷୋୟୀ, କୋଷାଧ୍ୟକ୍ଷ ଡ. କୃଷ୍ଣପ୍ରସାଦ ମହାପାତ୍ର, କାର୍ଯ୍ୟାଳୟ ସମ୍ପାଦକ ଭାବେ ନଳିନୀକାନ୍ତ ଗୌଡ଼ ପ୍ରମୁଖ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସମିତି ସଦସ୍ୟ ଭାବେ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ଡ. କୁଳମଣି ଓଝା, ଅନୁପ କୁମାର ମିଶ୍ର, ଡ. ହୃଷୀକେଶ ପଣ୍ଡା ଓ ଡ. ଅଜୟ କୁମାର ତ୍ରିପାଠୀ ମନୋନୀତ ହୋଇଛନ୍ତି। ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ଭାବେ ପ୍ରଶାନ୍ତ ମହାନ୍ତି, ଡ. ଲମ୍ବୋଦର ପାଣିଗ୍ରାହୀ, ମନୋରଞ୍ଜନ ପାଣିଗ୍ରାହୀ, ଡ. ବି. ପ୍ରକାଶ ଚନ୍ଦ୍ର ପାତ୍ର, ରାଜକିଶୋର ଦାସ, ବିଚିତ୍ରାନନ୍ଦ ବେବର୍ତ୍ତା ଓ ଡ. ଧରଣୀଧର ପଣ୍ଡା ମନୋନୀତ ହୋଇଥିବା ଜଣାପଡ଼ିଛି।

## ବଳାତ୍କାରୀ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୬।୩

### ପୀଡ଼ିତାଙ୍କ ବୟାନ ରେକର୍ଡ

ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ବ୍ରହ୍ମପୁର ସଦର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଉଛନ୍ତି ଆଙ୍କୁଶପୁର ଗ୍ରାମର ବୁଦ୍ଧିଆ ଓରଫ ସୁଶାନ୍ତ ମହାରଣା (୨୭)। ଉଭୟ ଅଭିଯୁକ୍ତ ଓ ପୀଡ଼ିତାଙ୍କର ଏମ୍‌କେସିଜି ମେଡିକାଲରେ ଡାକ୍ତରୀ ମାଇନା କରାଯାଇଛି। ପୋଲିସ ମାମଲା ନଂ.୧୦୦/୨୨ରେ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ସେହିପରି ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ପ୍ରକାଶ ଯେ, ବୁଦ୍ଧିଆ ଜଣେ ଯୁବତୀଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କୁ ଏକ ଘର ଭଡା ନେଇ ରଖିଥିଲେ। ସେଠାରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣଙ୍କ ବୁଦ୍ଧିଆଙ୍କୁ ବିବାହ କରିବା ପାଇଁ କହିବାରୁ ସେ ତାଙ୍କୁ ନାନା ପ୍ରକାର ଧମକଚମକ ଦେବା ସହ ପ୍ରତାରଣା କରିଥିଲେ। ଏପରିକି ଏନେଇ ଥାନାରେ ଅଭିଯୋଗ କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ପୀଡ଼ିତା ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ବୁଦ୍ଧିଆଙ୍କୁ ଗିରଫ କରିଥିବା କହିଛି।

## ତ୍ରିଧାରା ସାହିତ୍ୟ ସଂସଦର ମାସିକ ଆସର

ବ୍ରହ୍ମପୁର ଅଫିସ,୬।୩



ଉପସ୍ଥିତ ସଂଘର ସଦସ୍ୟବୃନ୍ଦ

ତ୍ରିଧାରା ସାହିତ୍ୟ ସଂସଦ ପକ୍ଷରୁ ଗଞ୍ଜାମ କଳା ପରିଷଦ ପାଠାଗାର ପରିସରରେ ରବିବାର ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉମାଚରଣ ମିଶ୍ର ସଭାପତିତ୍ୱ କରିଥିଲେ। ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ଇଂଲିଶ ଅନୁବାଦ ସାହିତ୍ୟର ଦାନ ଉପରେ ଆଲୋକପାତ କରାଯାଇଥିଲା। ବିନାୟକ ଆଚାର୍ଯ୍ୟ ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଇଂଲିଶ ବିଭାଗ ମୁଖ୍ୟ ଡ. ଆନନ୍ଦ ସେଠୀ ଯୋଗଦେଇ ଓଡ଼ିଆ ସାହିତ୍ୟକୁ ବିଶ୍ୱସ୍ତରୀୟ ମାନ୍ୟତା ଦେବା ପାଇଁ ଇଂଲିଶ ଅନୁବାଦ ମାଧ୍ୟମରେ ହିଁ ଓଡ଼ିଆ ଭାଷା ସାହିତ୍ୟ ବିକଶିତ ହୋଇପାରିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନ କବିତା ପାଠୋତ୍ସବରେ ଡ. ଅଶୋକ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ ବିଜୟ ମିଶ୍ର, ଉମାଚରଣ ମିଶ୍ର, ଇଂ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, ନିମାଇଁ ମିଶ୍ର, ସଂହିତା ମହାନ୍ତି, ବନ୍ଦନା ପଣ୍ଡା, ହୃଷୀକେଶ ଦାଶ, ବିଶ୍ୱନାଥ ଶତପଥୀ, କ୍ଷଣପ୍ରଭା ଶତପଥୀ, ବଂଶୀଧର ସେଠୀ, ଡକ୍ଟର ରଘୁନାଥ ପାଢୀ ଶର୍ମା, ମନୋଜ ପାଣିଗ୍ରାହୀ ଓ ବନିତା ପୃଷ୍ଟି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଗଗନ ବିହାରୀ ପୁରୋହିତ, ଡ. ବିଶ୍ୱନାଥ ମଲ୍ଲିକ, ଚନ୍ଦ୍ରମା ମୁନି ଓ ଆଶୁତୋଷ ମଲ୍ଲିକ ପରିଚାଳନାରେ ସହଯୋଗ କରିଥିଲେ। ସଂସଦର ସମ୍ପାଦକ ଡ.ଲକ୍ଷ୍ମୀନାରାୟଣ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଡ. ନୃସିଂହାନନ୍ଦଙ୍କୁ ଫକୀର ଚନ୍ଦ୍ର ଭଞ୍ଜ ସ୍ମୃତି ସମ୍ମାନ


ଅତିଥିଙ୍କ ଗହଣରେ ଡ. ନୃସିଂହାନନ୍ଦ ।

ଫୁଲବାଣୀ ଅଫିସ, ୬।୩

କନ୍ଧମାଳ ଜିଲାର କବି, ଲେଖକ ତଥା ଫୁଲବାଣୀ ସରକାରୀ ଆଇଟିଆଇର ତାଲିମ ଅଧିକାରୀ ଡ. ନୃସିଂହାନନ୍ଦ ମହାପାତ୍ରଙ୍କୁ ଆଦର୍ଶ ଶିକ୍ଷକ ଫକୀର ଚନ୍ଦ୍ର ଭଞ୍ଜ ସ୍ମୃତି ସମ୍ମାନ ମିଳିଛି । କଟକ ଜିଲା ବାଙ୍କୀ ବିଲିପଡା ଯୋରକୂଳ ପର୍ବତେଶ୍ୱର ସାହିତ୍ୟ ଓ ସଂସ୍କୃତି ସଂସଦର ବାର୍ଷିକୋତ୍ସବ ଓ ସାରସ୍ୱତ ସମାରୋହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଛନ୍ତି। ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦିଲୀପ ଶ୍ରୀଚନ୍ଦନ, ସଂସ୍କୃତି ସଂସଦ ସଭାପତି ପ୍ରଫୁଲ୍ଲ କୁମାର ସାହୁ, ମୁଖ୍ୟ ଉପଦେଷ୍ଟା ଭରତ ଚରଣ ବେହେରା, ସମ୍ପାଦକ ବିଦ୍ୟାଧର ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ଅଧ୍ୟକ୍ଷ, ୮ କାଉନ୍‌ସିଲ ପ୍ରାର୍ଥୀଙ୍କ ନାମାଙ୍କନ

ପୁରୁଷୋତ୍ତମପୁର,୬।୩(ଡି.ଏନ.ଏ.)

ପୁରୁଷୋତ୍ତମପୁର ଏନ୍‌ଏସିରେ ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲର ପଞ୍ଚମ ଦିନରେ ୨ ଜଣ ଅଧ୍ୟକ୍ଷ ପଦବୀ ଲାଗି ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ୮ ଜଣ କାଉନସିଲ ପଦବୀ ଲାଗି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଅଧ୍ୟକ୍ଷ ପଦବୀଟି ମହିଳାଙ୍କ ଲାଗି ସଂରକ୍ଷଣ ରହିଥିବା ହେତୁ ଭାଜପା ପକ୍ଷରୁ ପ୍ରତିଭା ପଟ୍ଟନାୟକ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରିୟଙ୍କା ଗୌଡ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। କାଉନସିଲ ପ୍ରାର୍ଥୀ ଭାବେ ସ୍ୱାଧୀନ ରୂପେ ୱାର୍ଡ ନଂ ୧ ରୁ ରବି ନାୟକ ଓ ନୀଳାଞ୍ଚଳ ନାହାକ, ୱାର୍ଡ ନଂ ୩ ରୁ ଶ୍ୟାମବାବୁ ଦୋରା, ୱାର୍ଡ ନଂ ୪ ରୁ ଅଶୋକ କୁମାର ମହାକୁଡ, ୱାର୍ଡ ନଂ ୬ରୁ ଦମୟନ୍ତୀ ବେହେରା ଓ ପ୍ରତିମା ଗୌଡ, ୱାର୍ଡ ନଂ ୧୩ରୁ ଦମୟନ୍ତୀ ବେହେରା ଓ ୱାର୍ଡ ୧୪ରୁ ଯୋଗେନ୍ଦ୍ର ଗୌଡ ନିର୍ବାଚନ ଅଧିକାରୀ ନିତିଶ ତ୍ରିପାଠୀଙ୍କ ଠାରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

## ଅଧ୍ୟକ୍ଷ ପଦବୀ ପାଇଁ ୨ ପଡ଼ିଲା ନାମାଙ୍କନ

ଦିଗପହଣ୍ଡି,୬।୩(ଡି.ଏନ.ଏ.)

ଦିଗପହଣ୍ଡି ଏନ୍‌ଏସି ନିର୍ବାଚନ ସକାଶେ ପ୍ରାର୍ଥୀପତ୍ର ଦାଖଲର ୫ମ ଦିବସରେ ରବିବାର ଏନ୍‌ଏସି ଅଧ୍ୟକ୍ଷ ପଦବୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଆଇନଜୀବୀ ହରପ୍ରସାଦ ରଥ ଏବଂ ସିପିଆଇ (ଏମ୍) ପକ୍ଷରୁ ଜୟନ୍ତିବାଳା ମିଶ୍ର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀପତ୍ର ଦାଖଲ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଚୟନ କରାଯାଇଥିବା ପ୍ରାର୍ଥୀମାନେ ଶୋଭାଯାତ୍ରାରେ ସହରର ବିଭିନ୍ନ ସାହି ପରିକ୍ରମା କରି ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ବାଦ୍ୟବାଜଣା, ବାଇକ୍ ଶୋଭାଯାତ୍ରା, ନାରାବାଜିରେ ସହର ଦୁଲୁକି ଉଠିଥିଲା। ସମୁଦାୟ ୧୧ ୱାର୍ଡ ବିଶିଷ୍ଟ ଦିଗପହଣ୍ଡି ଏନ୍‌ଏସି ରେ ୨୧ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଅଧ୍ୟକ୍ଷ ପଦବୀ ପାଇଁ ୨ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଥିବା ନିର୍ବାଚନ ଅଧିକାରୀ ସିପକ କୁମାର ପାତ୍ର ଜଣାଇଛନ୍ତି। ୧ ନଂ. ୱାର୍ଡ ନିମନ୍ତେ ସନ୍ତୋଷି ବେହେରା (କଂଗ୍ରେସ), ସୁଷମା ଗୌଡ (ଭାଜପା), ୨ ନଂ ୱାର୍ଡ ଖଗେଶ୍ୱର ଦାସ (କଂଗ୍ରେସ), ୩ ନଂ ୱାର୍ଡ ପ୍ରତିମା ମଲ୍ଲିକ (କଂଗ୍ରେସ), ସୁଷମା ମଲ୍ଲିକ (ଭାଜପା), ୪ ନଂ ୱାର୍ଡ ପୀତବାସ ବେହେରା (କଂଗ୍ରେସ), ଗଣେଶ ସେଠୀ (ଭାଜପା), ୫ ନଂ ୱାର୍ଡ ମାମିନି ବେହେରା (କଂଗ୍ରେସ), ଲକ୍ଷ୍ମୀ ବେହେରା (ଭାଜପା), ୬ ନଂ. ୱାର୍ଡ ପ୍ରଭାସିନୀ ପୂଜାରୀ (ଭାଜପା, ୭ ନଂ ୱାର୍ଡ ସୁନୀଲ କୁମାର ପଣ୍ଡା (କଂଗ୍ରେସ), ଏମ୍. ଦୀପ୍ତିମୟୀ (ଭାଜପା), ୮ ନଂ ୱାର୍ଡ ଇ. ଗାୟତ୍ରୀ (କଂଗ୍ରେସ), ଏ. ସନ୍ତୋସି (ଭାଜପା), ୯ ନଂ. ୱାର୍ଡ ଶିବଶଙ୍କର ଗୌଡ(ସିପିଆଇ), ଜାଗିଲି ନାୟକ (ଭାଜପା), ୧୦ ନଂ ୱାର୍ଡ ଦୀପକ କୁମାର ମିଶ୍ର (କଂଗ୍ରେସ), ଟୁନା ସେଠୀ (ବିଜେଡ଼ି), ସୁନୀଲ କୁମାର ସେଠୀ (ଭାଜପା), ଅମୂଲ୍ୟ କୁମାର ରଥ (ସ୍ୱାଧୀନ), ୧୧ ନଂ ୱାର୍ଡ ରେ ପୁଷ୍ପା ମହାନ୍ତି (କଂଗ୍ରେସ) ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

## ପଞ୍ଚମ ଦିବସରେ ୧୧ ପ୍ରାର୍ଥିପତ୍ର ଦାଖଲ

ଚିକିଟି,୬।୩(ଡି.ଏନ.ଏ.)

ଚିକିଟି ପୌର ନିର୍ବାଚନ ପାଇଁ ରବିବାର ପଞ୍ଚମ ଦିନରେ ୧୧ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ୧ ନଂ ୱାର୍ଡ ପାଇଁ ଦେବେନ୍ଦ୍ର ବେହେରା, ୨ ନଂ ୱାର୍ଡ ପାଇଁ ବିଶ୍ୱଜିତ ମହାପାତ୍ର, ୪ ନଂ ୱାର୍ଡ ପାଇଁ ସୁକାନ୍ତି ବେହେରା, ୫ ନଂ ୱାର୍ଡ ପାଇଁ ତପନ କୁମାର ବେହେରା, ୬ ନଂ ୱାର୍ଡ ପାଇଁ ଅନିତା ସାହୁ, ୭ ନଂ ୱାର୍ଡ ପାଇଁ ପୂର୍ବତନ ନଗରପାଳ ମଲ୍ଲୀ ବେହେରା, ୮ ନଂ ୱାର୍ଡ ପାଇଁ ମିତାଞ୍ଜଳି ସାହୁ, ୯ ନଂ ୱାର୍ଡ ପାଇଁ ସବିତା ପାତ୍ର, ୧୦ ନଂ ୱାର୍ଡ ପାଇଁ ତ୍ରିନାଥ ବେହେରା, ୧୧ ନଂ ୱାର୍ଡ ପାଇଁ ଶିବାନୀ ବେହେରା, ୧୨ ନଂ ୱାର୍ଡ ପାଇଁ ଜୁର ବେହେରା ବିଜେଡି ଦଳରୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ତୃତୀୟ ଦିବସରେ ୩ ନଂ ୱାର୍ଡରୁ ଦୁର୍ଗାପ୍ରସାଦ ଦେବ କାଉନସିଲର ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ନିର୍ବାଚନ ଅଧିକାରୀ ତଥା ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର କହିଛନ୍ତି। ସୋମବାର ନାମାଙ୍କନ ଦାଖଲର ଶେଷ ଦିନ ରହିଥିବା ବେଳେ ବିଜେଡିକୁ ଛାଡିଦେଲେ ଆଜି ସୁଦ୍ଧା କୌଣସି ଦଳ ପ୍ରାର୍ଥିପତ୍ର ଦାଖଲ କରି ନ ଥିବା ଜଣାପଡିଛି।

## ଦାଖଲ ହେଲା ୨୧ ନାମାଙ୍କନ

ଆସିକା, ୬।୩(ଡି.ଏନ.ଏ.)

ନାମାଙ୍କନ ଦାଖଲର ଅବଧି ମାତ୍ର ଆଉ ଗୋଟିଏ ଦିନ ରହିଥିଲା ବେଳେ ରବିବାର ଆସିକା ଏନ୍‌ଏସିରେ ୨୧ ନାମାଙ୍କନ ପତ୍ର ଦାଖଲ ହୋଇଛି। ଦାଖଲ ହୋଇଥିବା ସମସ୍ତ ନାମାଙ୍କନ କାଉନସିଲର ପଦବୀ ଲାଗି ହୋଇଥିଲା ବେଳେ ପୂର୍ବରୁ ନଗରପାଳ ପଦବୀ ଲାଗି ସ୍ୱାଧୀନ ପ୍ରାର୍ଥୀ ସନ୍ତୋଷ କୁମାର ମୁନି ନାମାଙ୍କନ ଦାଖଲ କରିଥିଲେ। ଅପରପକ୍ଷେ ବିଜେଡି ପକ୍ଷରୁ ଶନିବାର ରାତିରେ ଆସିକା ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଗଞ୍ଜାମ ଜୋନ୍ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁଙ୍କ ଉପସ୍ଥିତିରେ ନଗରପାଳ ପଦବୀ ଲାଗି ନଗର ବିଜେଡି ସଭାପତି ସତ୍ୟନାରାୟଣ ସ୍ୱାଇଁଙ୍କ ସ୍ତ୍ରୀ ବିନେତାଙ୍କ ସ୍ୱାଇଁ ନାମ ଘୋଷଣା କରାଯାଇଛି। ସେହିଭଳି ଭାଜପା ପକ୍ଷରୁ ବରିଷ୍ଠ ଶିଶୁ ବିଶେଷଜ୍ଞ ତଥା ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ଶ୍ୟାମଘନ ବିଶ୍ୱାଳଙ୍କୁ ପ୍ରାର୍ଥୀ ଚୟନ କରାଯାଇଛି। ରବିବାର ବିଜେଡିର କେତେଜଣ କାଉନସିଲର ପ୍ରାର୍ଥୀ ବାଦ୍ୟ ବାଜଣା ପଟୁଆରରେ ଆସି ନିର୍ବାଚନ ଅଧିକାରୀ ତଥା ଆସିକା ତହସିଲଦାର ସଞ୍ଜୀୟ କୁମାର ସାମନ୍ତରାୟଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ।

## ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୬।୩

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**
- ୧୬ ସ୍ୱର୍ଣ୍ଣ ସହ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଗ୍ରୁପ ଚାମ୍ପିୟନ
- ରଶ୍ମିରଞ୍ଜନ ନାୟକ ପୁରୁଷ ଓ ସୁଖୀ ବାସ୍କେ ମହିଳା ବର୍ଗରେ ଶ୍ରେଷ୍ଠ କ୍ରୀଡ଼ାବିତ୍

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ପ୍ରଥମ ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। କୁଳପତି ପ୍ରଫେସର ଗୋବିନ୍ଦ ଜେ. ଚକ୍ରପାଣି ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କେକେ ବାସା ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଅଲିମ୍ପିୟାନ ଅନୁରାଧା ବିଶ୍ୱାଳ ଯୋଗଦେଇଥିଲେ। କ୍ରୀଡ଼ା ପରିଷଦ ସମ୍ପାଦକ ଡ. ଶେଷଦେବ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରୁଷ ବର୍ଗରେ ୧୦ ଓ ମହିଳା ବର୍ଗରେ ୬ ସ୍ୱର୍ଣ୍ଣପଦକ ହାସଲ କରି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ପ୍ରଦର୍ଶନ କରି ଗ୍ରୁପ ଚାମ୍ପିୟନ ହୋଇଥିଲା। ସେହିପରି ସମ୍ବଲପୁର ବିଶ୍ୱବିଦ୍ୟାଳୟର ରଶ୍ମିରଂଜନ ନାୟକ ଓ ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର ପ୍ରତିଯୋଗୀ ସୁଖୀ ବାସ୍କେ ମହିଳା ବର୍ଗରେ ଚାମ୍ପିୟନ ହୋଇଛନ୍ତି। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ ସିଡିସି ଅଧ୍ୟକ୍ଷା ଡ.ଅରୁନ୍ଧତୀ ରଥ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି, ଡେପୁଟି ରେଜଷ୍ଟ୍ରାର ବାବୁଜି ସାମଲ, ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଡ. ସରୋଜ କୁମାର ଦାସ, ଡ.ବନ୍ଦିତା ପଣ୍ଡାଙ୍କ ସମେତ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ରବୀନ୍ଦ୍ର କୁମାର ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ରବିବାର ଦୌଡ଼କୁଦ ପ୍ରତିଯୋଗିତାର ଉଦଯାପନୀ ଦିବସରେ ଅନୁଷ୍ଠିତ ୧୨ ପ୍ରତିଯୋଗିତା ମଧ୍ୟରୁ ମହିଳା ବର୍ଗ ୧୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଦୀପାଳି ମହାପାତ୍ର ପ୍ରଥମ, ଏମ୍‌ଏସ୍‌ସିବିଡି ବିଶ୍ୱବିଦ୍ୟାଳୟର ସୁଖୀ ବାସ୍କେ ଦ୍ୱିତୀୟ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ମନୀଷା ମେରେଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଜାଭେଲିନ୍ ଥ୍ରୋରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଧନମତି ଜେସ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମାରି ହନଜରିଆ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ଫୁଲବାସିନୀ ରୋହୀ ଦାସ, ୨୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଦୀପାଳି ମହାପାତ୍ର, ଏମ୍‌ଏସ୍‌ସିବିଡି ବିଶ୍ୱବିଦ୍ୟାଳୟର ସୁଖୀ ବାସ୍କେ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରଭାବତୀ ମୁର୍ମୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ।

ସେହିପରି ପୁରୁଷ ବର୍ଗର ୧୦ ହଜାର ମିଟର ଦୌଡ଼ ପ୍ରତିଯୋଗିତାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ରଶ୍ମିରଞ୍ଜନ ନାୟକ ପ୍ରଥମ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାଇ କିରଣ ସାହୁ ଦ୍ୱିତୀୟ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ଭୀମସେନ ଜଙ୍କ ତୃତୀୟ ସ୍ଥାନ ଅଧିକାର କରିଥିଲେ।



ମହିଳା ଓ ପୁରୁଷ ବର୍ଗର ଚାମ୍ପିୟନଙ୍କ ସହ ଅତିଥି ଓ ବିଶ୍ୱବିଦ୍ୟାଳୟ ଅଧିକାରୀମାନେ । ।

